## ଲକ୍ଷାଧିକ ଟଙ୍କାର କାଠ ପଚ୍ଛା ଜବତ

ତରବୋଡ,(ଡିଏନ୍ଏ): ନୂଆପଡା ସଦର ବନ ବିଭାଗ ଲଖନା ସେକ୍ସନର ଝାଞ୍ଜିମୁଣ୍ଡା ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଳ ଓ ବିଜା କାଠ ପଚ୍ଛା ଜବତ କରିଛି । କୌଣସି ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବିଭାଗୀୟ କର୍ମଚାରୀମାନେ ଝାଞ୍ଜିମୁଣ୍ଡା ଗାଁର ଜଗଦୀଶ ସୁନାନୀଙ୍କ ଘରେ ଚଢାଉ କରିଥିଲେ । ଜଗଦୀଶଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ।

## ସଂକ୍ଷେପରେ

### ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

ବିନିକା,୨୮।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଗ୍ରାମର ଖୁସୁବୁ ସାହୁ(୧୯) ବିଷପିଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସେ କୌଣସି କାରଣରୁ ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

ବିନିକା,୨୮।୧୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭାଜପା ଚରଦେଇ ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶାଳପାଲି ଗ୍ରାମ ଖେଳପଡିଆରେ ଆୟୋଜିତ ଏହି ଶିବିରରେ ଚରଦେଇ ମଣ୍ଡଳ ସଭାପତି ବିଶ୍ୱଦେବ ବଡପଣ୍ଡା ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଚରଦେଇ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭବେ ମଣ୍ଡଳ ପ୍ରଭାରୀ ଅଶୋକ ପୃଷ୍ଟି ଓ ବଳରାମ ପଧାନ ଯୋଗଦେଇ ସମସ୍ତେ ଏକଜୁଟ ହୋଇ କାମ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଉମେଶ ନାଇକ, ମଧୁସୂଦନ କ୍ଷେତୀ, ସତ୍ୟବାନ ପଧାନ, ଗଣେଶ ଚାଉଳିଆ, କ୍ଷେତ୍ରମୋହନ ଖମାରୀଙ୍କ ସମେତ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

### ଧାନମଣ୍ଡି ବୁଲି ଦେଖିଲେ ତହସିଲଦାର

ଖପ୍ରାଖୋଲ, ୨୮।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ଧାନମଣ୍ଡିକୁ ତହସିଲଦାର ଧିରୋଜ କୁମାର ପାତ୍ର ଶନିବାର ପରିଦର୍ଶନ କରିଥିଲେ। ସେ ଚାଷୀମାନଙ୍କ ସହ ଆଲୋଚନା ଏବଂ ଧାନ କିଣାବିକା ବୁଲି ଦେଖିଥିଲେ। ଟୋକନ ମିଳି ନ ଥିବାରୁ ଅନେକ ଚାଷୀ ଧାନ ଅମଳ କରି ଘରେ ରଖିଥିବା ନେଇ ତହସିଲଦାରଙ୍କୁ ଜଣାଇଥିଲେ। ସମିତି ସମ୍ପାଦକ ଜଗଦୀଶ ରଣା, ଡିଇଓ ଯଦୁମଣି ରଣା, ଚାଷୀ ନେତା କନ୍ଦର୍ପ ସୁଆର, ଜୟନ୍ତ ମେହେର, ରାଜକିଶୋର ମେହେର ପ୍ରମୁଖଙ୍କ ସହ ମିଲର ପ୍ରତିନିଧି, ଆରଏମସି କର୍ମଚାରୀ ଉପସ୍ଥିତ ଥିଲେ ।

### ଭାଜପା ପକ୍ଷରୁ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ

ବଲାଙ୍ଗୀର ଅଫିସ,୨୮।୧୧: ବଲାଙ୍ଗୀର କଚେରୀ ଛକରେ ଶନିବାର ଭାଜପା ତରଫରୁ ଏକ ପ୍ରତିବାଦ ସଭା କରାଯାଇ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନୟାଗଡ ଶିଶୁକନ୍ୟା ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଓ ମନ୍ତ୍ରୀ ସାହୁଙ୍କୁ ବହିଷ୍କାର କରିବାକୁ ଭାଜପା କର୍ମୀମାନେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତ୍ରୀ ପଙ୍କଜିନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ଆରତୀ ଗୁରୁ, ରଶ୍ମିରେଖା ଦାନୀ, ବାସନ୍ତୀ ଜେନା, ପୀତାମ୍ବର ଖମାରୀ, ସଞ୍ଜୁ ନାୟକ, ସରିତା ଯୋଶୀ, ବନଶ୍ରୀ ଆଚାର୍ଯ୍ୟ, ସୌଦାମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ୟାଦାଉରୁ ରକ୍ଷା ପାଇଁ ପ୍ରଶିକ୍ଷଣ

ତୁଣ୍ଡଲା, ୨୮।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିର ତେଲ ଓ ଉରେଇ ନଦୀର ସଙ୍ଗମସ୍ଥଳରେ ଏନଡିଆରଏଫ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ଡେପୁଟି କମାଣ୍ଡାଣ୍ଟ ଉପେନ୍ଦ୍ର ପ୍ରସାଦ ସିଂ ଓ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଓଡୁଙ୍କ ତତ୍ତ୍ୱାବଧାନରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ କେସିଙ୍ଗା ଦମକଳ ବାହିନୀର କେନ୍ଦ୍ର ଅଧିକାରୀ ଅନୀଲ କୁମାର ମିଶ୍ର, ଏନଡିଆରଏଫ ଇନ୍ସପେକ୍ଟର ମନୋରଞ୍ଜନ ମହାନ୍ତି, ସବ୍ଇନ୍ସପେକ୍ଟର ବିଷ୍ଣୁ ପ୍ରସାଦ ବେହେରା, ସତ୍ୟବ୍ରତ ବେହେରା, ବିନୟ କୁମାର ଓ କଟକ ମୁଣ୍ଡୁଳି ଏନଡିଆରଏଫ କର୍ମଚାରୀ, ଦମକଳ ବାହିନୀ କର୍ମଚାରୀ, ବେଲଖଣ୍ଡି ସରପଞ୍ଚ ଝସନେତ୍ରୀ ଭୋଇ, ଗ୍ରାମ ସମ୍ପ୍ରସାରଣ ଅଧିକାରୀ ସରୋଜ କୁମାର ପଧାନ, ଜିଲା ଯୋଜନା ଅଧିକାରୀ ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲୋକେ କିଭଳି ବନ୍ୟାରୁ ନିଜକୁ ରକ୍ଷା କରିବେ ତାହାକୁ ଚିତ୍ର ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ସାମାଜିକ ସଂଗଠନ କର୍ମକର୍ତ୍ତା କର୍ମକର୍ତ୍ତା, ଆଶା ଓ ଅଙ୍ଗନୱାଡି କର୍ମୀ ଶିବିରରେ ଉପସ୍ଥିତ ଥିଲେ ।

# ଟୋକନ୍ ସମସ୍ୟା, ଧାନକିଣା ମନ୍ଥର

ସୋନପୁର,୨୮।୧୧(ନି.ପ୍ର.)



ରାମପୁର-ଟାଙ୍ଗରକେଲି ରାସ୍ତାରେ ଚାଷୀଙ୍କ ଧାନ ପଡି ରହିଛି।

- ପଞ୍ଜୀକୃତ ହୋଇଛନ୍ତି ୫୫ହଜାର ୭୦୨ ଚାଷୀ
- ୯ ଦିନରେ ଧାନ ବିକିଛନ୍ତି ୧୦୩୬ ଚାଷୀ
- ଗାଁ କଂକ୍ରିଟ୍ ରାସ୍ତାରେ ଗଦା ହୋଇଛି ଧାନ

ସୁବର୍ଣ୍ଣପୁର ଜିଲାରେ ନଭେମ୍ବର ୨୦ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଛି। ଧାନକିଣା ପାଇଁ ଜିଲାରେ ୧୦୫ଟି ମଣ୍ଡି ଖୋଲିଛି। ଧାନ ବିକ୍ରି ପାଇଁ ୫୫ହଜାର ୭୦୨ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଇତିମଧ୍ୟରେ ଜିଲାରେ ଧାନ କିଣାବିକା ପ୍ରକ୍ରିୟାକୁ ୯ଦିନ ବିତିଯାଇଛି। କିନ୍ତୁ ଧାନ ବିକ୍ରି ଅନ୍ୟ ବର୍ଷ ତୁଳନାରେ ମନ୍ଥର ଗତିରେ ଚାଲିଛି। ଅଧାରୁ ଅଧିକ ମଣ୍ଡିରେ ଏଯାଏ ଧାନ କ୍ରୟ ଆରମ୍ଭ ହୋଇ ନ ଥିବା ପରିଲକ୍ଷିତ ହୋଇଛି। ଏଥିରେ ଅନଲାଇନ୍ ଟୋକନ୍ ବ୍ୟବସ୍ଥା ବାଧକ ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଯେଉଁ ଚାଷୀ ଧାନ ଅମଳ କରିଛନ୍ତି ସେମାନେ ମଣ୍ଡିରେ ବିକ୍ରି କରି ପାରୁନାହାନ୍ତି। କାରଣ ଡିସେମ୍ବର ୨୫ କିମ୍ବା ଜାନୁୟାରୀ ୫ତାରିଖରେ ଧାନ ବିକ୍ରି ପାଇଁ ଅଧିକାଂଶ ଚାଷୀଙ୍କୁ ଟୋକନ୍ ମିଳିଛି । ଫଳରେ ବଡ ଚାଷୀଙ୍କ ଧାନ ଖଳାରେ ଗଦା ହୋଇଥିବା ବେଳେ କ୍ଷୁଦ୍ର, ଭାଗଚାଷୀଙ୍କ ଧାନ କ୍ଷେତ ଓ ଗାଁ କଂକ୍ରିଟ୍ ରାସ୍ତାରେ ପଡି ରହିଛି।

ରାଜ୍ୟସ୍ତରୀୟ ଅନଲାଇନ୍ ଟୋକନ୍ ବ୍ୟବସ୍ଥା(ଅଟୋମେଟିକାଲି ଟୋକନ ଜେନେରେଟେଡ୍ ସିଷ୍ଟମ)ରେ ଶନିବାର ସୁଦ୍ଧା ୧୦୩୬ଜଣ ପଞ୍ଜୀକୃତ ଚାଷୀ ୯୦ହଜାର ୧୮୯କୁଇଣ୍ଟାଲ ଧାନ ୪୬ଟି ମଣ୍ଡିରେ ବିକ୍ରି କରିଛନ୍ତି। ଖରିଫ ଧାନ ବିକ୍ରି କରିବା ପାଇଁ ୫୫ହଜାର ୭୦୨ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଯାହା ଗତବର୍ଷ ଠାରୁ ୮ହଜାର ଅଧିକ। ସେଥିମଧ୍ୟରୁ ୫୩ହଜାର ୫୫୭ଚାଷୀଙ୍କ କାଗଜାତ ଯାଞ୍ଚ ଓ ଆଧାର ଲିଙ୍କେଜ୍ ସରିଛି। ଏହି ଜିଲାରୁ ୬୨ଟି ପ୍ୟାକ୍ସ, ୩୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୪୦ରୁ ଊର୍ଦ୍ଧ୍ୱ ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୨୩ଲକ୍ଷ ୫ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଦିଆଯାଇଛି। ତେବେ ୧୦୫ଟି ମଣ୍ଡି ଖୋଲିଥିଲେ ହେଁ ମାତ୍ର ୩୨ଟି ପ୍ୟାକ୍ସ ଓ ୧୪ଟି ଏସ୍ଏଚଜି ପକ୍ଷରୁ ଧାନ କ୍ରୟ ଆରମ୍ଭ ହୋଇଛି । ଚାଷୀଙ୍କ ଟୋକନ୍ ଆସି ନ ଥିବାରୁ ଅନ୍ୟ ପ୍ୟାକ୍ସ ଓ ଏସଏଚ୍ଜିରେ ଅମଳ ଧାନ ଏଣ୍ଟ୍ରି ହୋଇପାରିନି । ଧାନ ଖଳା ନ ଥିବାରୁ କ୍ଷୁଦ୍ର ଓ ଭାଗ ଚାଷୀ ଅମଳ କରିଥିବା ଧାନ ଏବେ କ୍ଷେତରେ କିମ୍ବା କଂକ୍ରିଟ୍ ରାସ୍ତା ଉପରେ ପକାଇ ରଖିଛନ୍ତି । ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ସବୁ ଗାଁରେ ଏବେ ଏହି ଚିତ୍ର ଦେଖିବାକୁ ମିଳୁଛି। ଧାର କରଜ କରି ସୁନାର ଫସଲ ଫଳାଇ ଥିବା ଚାଷୀ ଧାନ ବିକ୍ରି କରିପାରୁନି। ଧାନ ବିକ୍ରି କରିବା ପାଇଁ ସେମାନଙ୍କୁ ଶୀତ କାକରରେ ଅପେକ୍ଷା କରିବାକୁ ପଡୁଛି । ଏ ସମ୍ପର୍କରେ ବିନିକା ବ୍ଲକ ଚରଦା ଗ୍ରାମର ଚାଷୀ ରାମଚନ୍ଦ୍ର ଖମାରୀ, ପ୍ରଶାନ୍ତ ଥନାପତି ଓ ଆର୍ତ୍ତତ୍ରାଣ ହୋତା କୁହନ୍ତି ୧୫ ଦିନ ପୂର୍ବରୁ ଧାନ ଅମଳ ହେଲାଣି । କିନ୍ତୁ ଟୋକନ୍ ମିଳି ନ ଥିବାରୁ ଧାନ ବିକ୍ରି କରି ପାରୁନାହାନ୍ତି। ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଚାଷୀ ଏବେ ଧାନ ବିକ୍ରିକୁ ନେଇ ଚିନ୍ତାରେ ଅଛନ୍ତି । ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଭଳି ଅଣଜଳସେଚିତ ବ୍ଲକ ଅଞ୍ଚଳରେ ସମାନ ଅବସ୍ଥା। ଧାନ ବିକ୍ରି ହେବାରେ ବିଳମ୍ବ ହେଉଥିବାରୁ ଋଣ ଟଙ୍କା ଶୁଝିବା ପାଇଁ ଚାଷୀଙ୍କ ଉପରେ ଚାପ ପଡୁଛି। ମେଘୁଆ ପାଗ ମଧ୍ୟ ଚିନ୍ତା ବଢାଉଛି। ଏପରି କି ରବି ଚାଷ ପାଇଁ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ କେନାଲ ପାଣି ଆସିବ। ଚାଷୀ କେବେ ଧାନ ବିକ୍ରି ଟଙ୍କା ପାଇବ, ସେଥିରେ ପୁଣି ତଳି ପକାଇବ ଓ ସାର କିଣି ପହ୍ଲା ରୋଇବ ସେହି ଚିନ୍ତାରେ ଅଛି। ଏହି ସୁଯୋଗରେ ଅସାଧୁ ଧାନ ବେପାରୀ ଫାଇଦା ନେଉଛନ୍ତି। ସେମାନେ ଚାଷୀଙ୍କ ଠାରୁ ଅଣ୍ଡର ରେଟ୍‌ରେ ଧାନ କିଣି ମାଲେମାଲ ହେଉଛନ୍ତି। ଧାନ କିଣା ଆରମ୍ଭରୁ ଏଭଳି ମନ୍ଥରତା ଯୋଗୁ ଆଗକୁ ଧାନ ସଂଗ୍ରହରେ ବିଭ୍ରାଟ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାରଙ୍କୁ ପଚାରିବାରୁ ଧାନ ବିକ୍ରି ପାଇଁ ୬୨ହଜାର ଟୋକନ୍ ଆସିଛି। ଚାଷୀ ପଞ୍ଜୀକରଣ ସମୟରେ କେଉଁ ସମୟରେ ଧାନ ଅମଳ ହେବ ଓ ଧାନ ବିକ୍ରି କରିବେ ସମ୍ଭାବ୍ୟ ତାରିଖ ଉଲ୍ଲେଖ କରିଥିଲେ। ତଦନୁଯାୟୀ ରାଜ୍ୟସ୍ତରରୁ ଟୋକ୍ନ ଆସୁଛି। ତେବେ ଯଦି ସମସ୍ୟା ଥିବ ଆମେ ସରକାରଙ୍କୁ ଜଣାଇବୁ ବୋଲି ସୂପକାର କହିଛନ୍ତି।

## ଜିଲାପାଳଙ୍କୁ ଫେରାଦ ହେଲା ଯୁବ କଂଗ୍ରେସ

ବରଗଡ଼ ଅଫିସ,୨୮।୧୧

ବରଗଡ଼ ସହର ଦେଇ ପ୍ରବାହିତ ଜୀରାନଦୀରୁ ବାଲି ଏବଂ ସଂଲଗ୍ନ ଜମିରୁ ମାଟି ଚୋରାଚାଲାଣ ହେଉଛି । ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଶନିବାର ବରଗଡ଼ ଜିଲା ଯୁବ କଂଗ୍ରେସ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜୀରାନଦୀରୁ ବାଲି ସମେତ ବରଗଡ଼ ପଞ୍ଚାୟତ କଲେଜ ରାସ୍ତାରୁ ଗୁହୁନିଆ, ସରସରା ଦେଇ ଯାଇଥିବା ରାସ୍ତା ତଥା ସରକାରୀ ଜମିରୁ ମାଟି ଚୋରାଚାଲାଣ ହେଉଛି। ଏଥିପାଇଁ ସରକାରଙ୍କ ରାଜସ୍ୱହାନୀ ହେଉଛି। ଏହାର ପ୍ରତିବାଦ କଲେ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଉଛି। ଏଭଳି ଚୋରାଚାଲାଣ ରୋକିବାକୁ ଯୁବ କଂଗ୍ରେସ ଦାବି କରିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ଜିଲା ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଅଭିଳାଷ ପତି, ଅଜୟ ପଟେଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

## ଗଡ଼ିଲା ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥ

ବଲାଙ୍ଗୀର ଅଫିସ, ୨୮।୧୧



କର୍ମଚାରୀମାନେ ଅତିଥିଙ୍କୁ ଅପେକ୍ଷା କରି ରହିଛନ୍ତି।

**ଠିକ୍ ସମୟରେ ଆସିଲେନି ଅତିଥି, ଡାକିବାକୁ ଗଲେ ଅଧିକାରୀ**

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆନ୍ତର୍ଜାତିକ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ଶନିବାର ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଅତିଥିଭାବେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବୁଲି ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ରଖାଯାଇଥିଲା । ପ୍ରାୟ ୧୧ଟା ପର୍ଯ୍ୟନ୍ତ ଅତିଥି ଅତିରିକ୍ତ ଜିଲାପାଳ ନ ଆସିବାରୁ ଅପେକ୍ଷାରତ ଗଣମାଧ୍ୟମ ପ୍ରତିନିଧିମାନେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସିଂ ଓ ଅନ୍ୟ ଜଣେ କର୍ମଚାରୀ ବାଇକରେ ଅତିରିକ୍ତ ଜିଲାପାଳଙ୍କ ବାସଭବନକୁ ଡାକିବାକୁ ଯାଇଥିଲେ। ଏହାପରେ ଅତିଥି ଆସି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିଙ୍କ ବିଳମ୍ବ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମନ୍ୱୟ ଅଭାବରୁ ଏପରି ଘଟଣା ଘଟିଥିବା କୁହାଯାଇଛି। କାର୍ଯ୍ୟକ୍ରମ ବିଳମ୍ବ ହେବା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚାରିବାରୁ ଏ ନେଇ ଅଧିକ ଚର୍ଚ୍ଚା କରନ୍ତୁ ନାହିଁ ବୋଲି କହିଥିଲେ।

## ୪୨ ଚାଷୀଙ୍କଠାରୁ ୫୦୧୪ବସ୍ତା ଧାନ ସଂଗ୍ରହ

ରେଢାଖୋଲ, ୨୮।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡରେ ଧାନକିଣା ଆରମ୍ଭ ହୋଇଛି। ଉପଖଣ୍ଡରରେ ଥିବା ୧୮ଟି ମଣ୍ଡି ମଧ୍ୟରୁ ୧୭ଟି ମଣ୍ଡିରେ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଛି। ସାଲେଭଟା ସେବା ସମବାୟ ସମିତିକୁ ଧାନକିଣା ଦାୟିତ୍ୱ ଦିଆ ହୋଇଥିଲେ ହେଁ ଗତ ପ୍ରାୟ ୧ ବର୍ଷ ହେବ ବନ୍ଦ ରହିଥିବା ଯୋଗୁଁ ବାଟଗାଁ ମଣ୍ଡିରେ ଧାନ କିଣାଯାଉଛି। ଗୁରୁବାର ପ୍ରଥମ ଦିନରେ ଗୁରୁବାର ଯୋଗୁଁ କେହି ଜଣେ ଚାଷୀ ଧାନ ବିକ୍ରି କରି ନ ଥିବା ବେଳେ ଶୁକ୍ରବାର ଓ ଶନିବାର ବଂଶାଜାଲ, ନାକଟୀଦେଉଳ, ଡଇଁଚା ଓ ବଳମ ମଣ୍ଡିରୁ ୪୨ଜଣ ଚାଷୀଙ୍କଠାରୁ ୫୦୧୪ ବସ୍ତା ଧାନକ୍ରୟ କରାଯାଇଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରୋହିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ବଂଶାଜାଲ ମଣ୍ଡିରେ ୧୬ଜଣ ଚାଷୀଙ୍କଠାରୁ ୧୭୯୨ବସ୍ତା ଧାନ କିଣାଯାଇଥିବା ବେଳେ ନାକ୍ଟିଦେଉଳ ମଣ୍ଡିରୁ ୧୧ ଚାଷୀଙ୍କଠାରୁ ୧୧୯୫, ଡଇଁଚାରୁ ୩ଜଣ ଚାଷୀଙ୍କଠାରୁ ୪୫୨ ଓ ବଳମରୁ ୧୨ଜଣ ଚାଷୀଙ୍କଠାରୁ ୧୫୭୫ ବସ୍ତା ଧାନ କ୍ରୟ ହୋଇଛି। ୨୦୧୯ରେ ୭୨୮୫ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତବର୍ଷ କେତେ ଚାଷୀ ପଞ୍ଜିକୃତ ହୋଇଛନ୍ତି ସେ ନେଇ ତଥ୍ୟ ନ ଥିବା ଏଆରସିଏସ ରାଧାକୃଷ୍ଣ ମେହେର କହିଛନ୍ତି। ତେବେ ପ୍ରତି ମଣ୍ଡିରେ ଆବଶ୍ୟକ ଟୋକନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ଡିପିଓଙ୍କୁ ଦାବିପତ୍ର



ଏସ୍‌ଡିପିଓ ବିରଞ୍ଚି ପ୍ରସାଦ ଦେହୁରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସିନାପାଲି, ୨୮।୧୧(ଡି.ଏନ.ଏ.)

**ଅଙ୍ଗନୱାଡି କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା**

ନୂଆପଡା ଜିଲା ସିନାପାଲି ବ୍ଲକ ଡଙ୍ଗରୀଖୋଲ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଊର୍ମିଳା ସୁନାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ୪ଦିନ ବିତିଛି। ହେଲେ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ। ଏହି ଘଟଣାରେ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ନୂଆପଡା ଜିଲା ଅଙ୍ଗନୱାଡି କର୍ମୀ ସଂଘ ସଭାନେତ୍ରୀ କବିତା ସାହୁଙ୍କ ନେତୃତ୍ୱରେ ଶନିବାର ଖଡିଆଳ ଏସ୍‌ଡିପିଓ ବିରଞ୍ଚି ପ୍ରସାଦ ଦେହୁରୀଙ୍କୁ ସିନାପାଲି ଥାନାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଦତ୍ତ ଦାବିପତ୍ରରେ ଗୁରୁତର ଆହତ ଅଙ୍ଗନୱାଡି କର୍ମୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା, ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ଦାବି କରିଛି। ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖରେ ଅଙ୍ଗନୱାଡି କର୍ମୀ ଡଙ୍ଗରୀଖୋଲ କେନ୍ଦ୍ରରେ ରହି ଶିଶୁମାନଙ୍କୁ ଜୋତା ବଣ୍ଟନ କରୁଥିବା ବେଳେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତମାନେ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ଆହତ ହୋଇ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଧର୍ମଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏନେଇ ସିନାପାଲି ଥାନାରେ ଅଭିଯୋଗ ହେବା ପରେ ଏସ୍‌ଡିପିଓ ଦେହୁରୀ ସମ୍ପୃକ୍ତ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେହୁରୀ ପ୍ରକାଶ କରିଛନ୍ତି। ସିନାପାଲି ଅଙ୍ଗନୱାଡି ସଂଘ ସଭାନେତ୍ରୀ ପ୍ରେମବଲ୍ଲଭି ହରପାଲ, ସମ୍ପାଦିକା ଭାନୁମତି ନାୟକ, ଅଙ୍ଗନୱାଡି କର୍ମୀ ସୁନୀତା ପଟେଲ, ପୁଷ୍ପାଞ୍ଜଳି ନାଏକ, ପ୍ରମିଳା ଜଗତ, ନମିତା ମେହେର, ସରୋଜିନୀ ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର ପ୍ରମୁଖ ସାମିଲ ରହିଥିଲେ।

## ଏକଦିବସୀୟ କ୍ରିକେଟ: ଆଜାଦ ହିନ୍ଦ କ୍ଲବ ଚାମ୍ପିୟନ

ଦେଓଗାଁ, ୨୮।୧୦ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ମିନି ଷ୍ଟାଡିୟମରେ ଶନିବାର ଆଜାଦ ହିନ୍ଦ କ୍ଲବ ଓ ପାଟଖଣ୍ଡା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନୂଆଁପାଲି ଦଳକୁ ହରାଇ ଆଜାଦ ହିନ୍ଦ କ୍ଲବ ଚାମ୍ପିୟନ ହୋଇଥିଲା। ଖେଳକୁ ରଞ୍ଜନ ପଧାନ, ମଣ୍ଟୁ ପଧାନ ଓ ଗୌରଭ ବାରିକ ପରିଚାଳନା କରିଥିଲେ। ମଧୁସୂଦନ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ଯୁବନେତା ବିଶ୍ୱଜିତ ପାତ୍ର, ସମ୍ମାନୀତ ଅତିଥି ପୂର୍ବତନ ସରପଞ୍ଚ ରାଜୀବ ପଟେଲ, କମଳିନୀ ପଟେଲ, ପୂର୍ବତନ ଫୁଟବଲ ଖେଳାଳି ରାଜୀବ ବିଶ୍ୱାଳ ଓ କୁନା ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ।



## ୨୦୯ ଖଣ୍ଡ ସାଇଜ୍ କାଠ ଜବତ, ଜଣେ ଗିରଫ

ଲାଠୋର, ୨୮।୧୧ (ଡି.ଏନ.ଏ.)

ନୂଆପଡା ଜିଲା ବନବିଭାଗ ଲକ୍ଷାଧିକ ଟଙ୍କାର ସାଇଜ କାଠ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ନୂଆପଡା ରେଞ୍ଜ ଲଖନା ସେକ୍ସନ ଅଧୀନ ଝାଞ୍ଜିମୁଣ୍ଡା ଗ୍ରାମର ଜଗଦୀଶ ସୁନାନୀ କାଠ ଚୋରା କାରବାର କରିବା ନେଇ ବନବିଭାଗ ପାଖରେ ଖବର ପହଞ୍ଚିଥିଲା। ନୂଆପଡା ରେଞ୍ଜର ବନିତା ଭୋଇ ସଦଳବଳେ ଝାଞ୍ଜିମୁଣ୍ଡାରେ ପହଞ୍ଚି ଜଗଦୀଶଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୨୦୯ ଖଣ୍ଡ ସାଇଜ କାଠ ଅର୍ଥାତ ୮୪.୭୬ ସିଏଫଟି କାଠ ଜବତ କରାଯାଇଥିଲା। ଏହାର ଅନୁମାନିକ ସରକାରୀ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେଥିରେ ୫୦ ଖଣ୍ଡ ବିଜାପଟା ଓ ଅବଶିଷ୍ଟ ରେଙ୍ଗାଲ ଚଉଖୁଟ । ଜବତ ପରେ ସମସ୍ତ ପଚ୍ଛା ବନକାର୍ଯ୍ୟାଳୟକୁ ଅଣାଯାଇଥିଲା। ଜଗଦୀଶଙ୍କ ବିରୋଧରେ ନୁଆପଡା ରେଞ୍ଜରେ ଏକ ମାମଲା(ନଂ.୨୧୧/୨୦)ରୁଜୁ ହୋଇଛି। ଏହି ଚଢ଼ାଉରେ ଲଖନା ଫରେଷ୍ଟର ଘନଶ୍ୟାମ ଶବରଙ୍କ ସହ ଗୋପାଳ ମହାନନ୍ଦ, ଜୟନ୍ତୀ ମାଝୀ, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।



ବନ ବିଭାଗ ଜବତ କରିଥିବା ସାଇଜ୍ କାଠ।

## ବିପଦସଙ୍କୁଳ ରେଲ୍‌ୱେ ଭୂତଳ ପୋଲ

ବଲାଙ୍ଗୀର ଅଫିସ,୨୮।୧୧





ବଲାଙ୍ଗୀର-ଖୋର୍ଦ୍ଧା ରେଳଲାଇନ୍ ଭୂତଳ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି(ବାମ) ଆବର୍ଜନାପୂର୍ଣ୍ଣ ବଲାଙ୍ଗୀର-ସମ୍ବଲପୁର ରେଳ ଭୂତଳ ପୋଲ ।

- ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ଯାତ୍ରୀ ହନ୍ତସନ୍ତ
- ବିପଜ୍ଜନକ ଭାବେ ବାହାରିଛି ଲୁହାରଡ୍
- ଗୋଟିଏ ଭୂତଳ ପୋଲ କାମରେ ଆସୁନି
- ଭୁଲ୍ ନିର୍ମାଣ କାର୍ଯ୍ୟ ଯୋଗୁ କଷ୍ଟ ଭୋଗୁଛନ୍ତି ଲୋକେ

ବଲାଙ୍ଗୀର-ଆଟଗାଁ ରାସ୍ତାର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ ବଲାଙ୍ଗୀର-ଖୋର୍ଦ୍ଧା ରେଳଲାଇନ୍‌ର ଭୂତଳ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲ ତଳେ କଂକ୍ରିଟ୍ ଫାଟି ଲୁହାରଡ୍ ବାହାରି ପଡିଛି। କଂକ୍ରିଟ୍ ଫାଟି ସୃଷ୍ଟି ହୋଇଥିବା ଗର୍ତ୍ତରେ ପାଣି ଜମି ରହିବାରେ ଲୋକେ ଯିବା ଆସିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ଏହି ଭୂତଳ ପୋଲ ନିର୍ମାଣ ସମୟରୁ ତ୍ରୁଟିପୂର୍ଣ୍ଣ ରହିଛି। ପୋଲ ଚଟାଣରୁ ଜଳ ନିଷ୍କାସନ ଡ୍ରେନ୍ ଉଚ୍ଚରେ ରହିଥିବାରୁ ଏଠାରୁ ସୁଚାରୁରୂପେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଖାଲିଆଖିରେ ଦେଖାଯାଉଥିବା ଏହି ତ୍ରୁଟିକୁ ରେଲ୍‌ୱେ ଯନ୍ତ୍ରୀମାନେ ଏଯାଏ ସୁଧାରି ନାହାନ୍ତି । ଯେଉଁ ଠିକାଦାର ଏହି ପୋଲ ନିର୍ମାଣ କରିଛନ୍ତି ସେ ଏହାର ମରାମତି ବି କରିନାହାନ୍ତି । ଏଠାରେ ବଲାଙ୍ଗୀର-ସମ୍ବଲପୁର ରେଳଲାଇନ୍‌ରେ ମଧ୍ୟ ଏକ ଭୂତଳ ପୋଲ ତିଆରି କରାଯାଇଛି । ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ସେଠାରେ ମଧ୍ୟ ପାଣି ନିଷ୍କାସନ ହୋଇ ନ ପାରି ଜମା ହୋଇରହୁଛି। ଫଳରେ ସ୍ଥାନଟି ଅତ୍ୟନ୍ତ ଆବର୍ଜନାପୂର୍ଣ୍ଣ ହୋଇରହିଛି। ଫଳରେ ଏଠାକାର ଭୂତଳ ପୋଲ କାମରେ ଆସୁନାହିଁ । ଲୋକେ ପୂର୍ବଭଳି ରେଳଫାଟକ ଦେଇ ଯିବା ଆସିବା କରୁଛନ୍ତି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ଦୁଇଟି ଭୂତଳ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପୋଲ ନିର୍ମାଣ କାମ ସରିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ରେଲ୍‌ୱେର ଆନ୍ତରିକତା ନାହିଁ। ଏ ନେଇ ରେଲ୍‌ୱେର ସହକାରୀ ଡିଭିଜନାଲ ଯନ୍ତ୍ରୀ ଭିନିତ୍ ଯାଦବଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ରିଂ ହେବା ସତ୍ତ୍ୱେ ସେ ଫୋନ୍ ରିସିଭ୍ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଯନ୍ତ୍ରୀ ଯାଦବ ଛୁଟିରେ ରହିଥିବାରୁ ତାଙ୍କ ଦାୟିତ୍ୱରେ ଥିବା ଇନ୍‌ଚାର୍ଜ ଯନ୍ତ୍ରୀ ଦୁଷ୍ମନ୍ତ ମେହେର ରେଳଭୂତଳ ପୋଲ ଡ୍ରେନ୍ ତିଆରି ବେଳେ ସାମାନ୍ୟ ତ୍ରୁଟି ରହିଯାଇଥିବା ସୂଚନା ଦେଇଛନ୍ତି। ତେବେ ଯନ୍ତ୍ରୀ ଯାଦବ ଆସିଲେ ସବିଶେଷ ତଥ୍ୟ ଦେଇପାରିବେ ବୋଲିସେ କହିଛନ୍ତି।

